**OFFICE OF THE TAHASILDAR, KIRMIRA**

Letter No. 806/ Date: 6.6.2022

To

The DIO, NIC, Jharsuguda

Sub: Regarding publication of Advertisement in district website

Sir,

With reference to the subject noted above, I am to enclose herewith the advertisement copy in odia to be published in district website from 6.6.2022 to 27.7.2022 regarding auction of Sairat Source for 05 years as long term lease for the year 2022-23 to 2026-27.

This is for your kind information and necessary action.

Yours faithfully,

06.06.2022

Tahasildar, Kirmira

Memo No. 807 / dated.6.6.2022

Copy submitted to Sub-Collector, Jharsuguda for kind information.

06.06.2022

Tahasildar, Kirmira

# ତହସିଲଦାରଙ୍କ କାର୍ଯ୍ୟାଳୟ, କିର୍ମିରା

**ବିଜ୍ଞପ୍ତି ସଂଖ୍ୟା** :403 /**ତାରିଖ** :6.6.2022

## (ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ ନିମନ୍ତେ ଇସ୍ତାହାର)

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କିର୍ମିରା ତହସିଲ ଅନ୍ତର୍ଗତ ସାରଣିଭୁକ୍ତ ଲଘୁ ଖଣିଜ ଉତ୍ସଗୁଡିକର **OMMC(Amendment) Rules-2016** ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ (୨୦୨୨-୨୩ ରୁ ୨୦୨୬-୨୭) ନିମନ୍ତେ ଲିଜ ପାଇଁ ତହସିଲଦାର କିର୍ମିରାଙ୍କ ଦ୍ଵାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC (Amendment) Rules-2016** ର (**Form – M**) ପୂରଣ କରି ଏହାର ୩ (ତିନି) କପି ସହ ଆବଶ୍ୟକୀୟ କାଗଜାତ ନକଲ ସଂଲଗ୍ନ କରି **Sealed Cover** ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷକାରୀଙ୍କ କାର୍ଯ୍ୟାଳୟ ରେ ତା : **28.6.2022** ରିଖ ପୂର୍ବାହ୍ନ **11.00** ଟା ସୁଦ୍ଧା ତହସିଲ କାର୍ଯ୍ୟାଳୟ ରେ ଥିବା **Drop Box** ରେ ପକାଇବା ପାଇଁ ଧାର୍ଯ୍ୟ କରାଯାଇଛି । ଏହା ରେଜେଷ୍ଟ୍ରି ପୋଷ୍ଟ/ ସ୍ପିଡ ପୋଷ୍ଟ ଯୋଗେ ତହସିଲଦାର, କିର୍ମିରା, ପୋଷ୍ଟ- କିର୍ମିରା, ଭାୟା- ବାଗଡ଼ିହି, ଜିଲ୍ଲା-ଝାରସୁଗୁଡା, ପିନ-768220 ଠିକଣାରେ ମଧ୍ୟ ପଠାଇ ପାରିବେ। ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । **Tender Box** ତା: **28.6.2022** ରିଖ ପୂର୍ବାହ୍ନ **11.30** ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲା ଯାଇ ଲିଜ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ଉତ୍ସ ଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନପତ୍ର ମିଳିନଥିବ କିମ୍ବା ଲିଜ୍ ଚୁଡାନ୍ତ ହୋଇନଥିବ ସେହି ଉତ୍ସ ଗୁଡିକ ପାଇଁ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା. **12.7.2022** ରିଖ ଓ ତା. **27.7.2022** ରିଖ ପୂର୍ବାହ୍ନ **11.00** ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣକରାଯିବ ଏବଂ ଉକ୍ତ ଦିନ ପୂର୍ବାହ୍ନ **11.30** ଘଟିକା ସମୟରେ ପୂର୍ବମତେ **Tender Box** ଖୋଲାଯିବ। ଏହାର ସବିଶେଷ ବିବରଣି ଜିଲ୍ଲା **website (Jharsuguda.nic.in)** ରେ ଉପଲବ୍ଧ ।

ତହସିଲଦାର, କିର୍ମିରା

TAHASILDAR KIRMIRA

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧. ଦରଖାସ୍ତ ଶୁଳ୍କ ସକାଶେ ଟ. ୧୦୦୦.୦୦ ( ଏକ ହଜାର ଟଙ୍କା ) ମାତ୍ର ଅଣଫେରସ୍ତ ଟ୍ରେଜେରୀ ଚାଲାଣ (**Head of Account 0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties)** ରେ ଦାଖଲ କରିବେ।

୨. ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ପୈଠ କରିବାକୁ ନଥିବା ସମ୍ବନ୍ଧୀୟ ସତ୍ୟପାଠ (**Affidavit**)।

୩. ବିଜ୍ଞାପନରେ ପ୍ରକାଶିତ ପ୍ରସ୍ତାବିତ ସୈରାତ ଉତ୍ସର ନାମ ଲେଖି ଦରଖାସ୍ତ କରିବେ।

୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ **Solvency Certificate** /IT Returns ଏବଂ ଅନ୍ୟୁନ ୧୮ ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ **[Minimum Guaranteed Quantity X (Royalty + Additional Charges)]** ଠାରୁ ଅଧିକ ହୋଇଥିବା ଆବଶ୍ୟକ, ପ୍ରଦାନ କରିବା ସହ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର ଦାଖଲ କରିବେ।

୫. Earnest Money ପାଇଁ Demand Draft (in favour of Tahasildar, Kirmira) ଯାହାର ମୂଲ୍ୟ ଅତିରିକ୍ତ ଚାର୍ଜ (Addl. Charge) ଏବଂ Royalty (**ଏକ ବର୍ଷ**) ର 5 % ଠାରୁ କମ୍ ହୋଇନଥିବ । [EMD = **5** % of {Minimum Guaranteed Quantity X (Royalty + Additional Charges)}]

**୬. ଆବେଦନକାରୀଙ୍କ ବୈଧ** GST **ପଞ୍ଜୀକରଣ ପ୍ରମାଣ ପତ୍ର ର ଅବିକଳ ନକଲ ଦାଖଲ କରିବେ । ଆବେଦନକାରୀ ଯଦି ବୈଧ** GST **ପଞ୍ଜୀକରଣ ପ୍ରମାଣ ପତ୍ର ଦାଖଲ କରିନଥିବେ, ତେବେ ଦରଖାସ୍ତ ନାକଚ କରାଯିବ ।**

# ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ 2004, **OMMC (Amendment) Rules-2016** ର ପରିସର ଭୁକ୍ତ ରହିବେ ।

୨. ଲିଜ୍ ରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ଉପ୍ପରଗୁଡ଼ିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ୍ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୩. ଲିଜ୍ ସୂତ୍ରେ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ଦରଖାସ୍ତରେ, ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ଓ ଅତିରିକ୍ତ ଦେୟର (Additional Charge) ମୂଲ୍ୟଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅନ୍ୟୁନ ରୟାଲଟି ହାର 1 Cum ବାଲି ପ୍ରତି ଅତିରିକ୍ତ ଦେୟ (Additional Charge) ଟ. 62. 00 ଧାର୍ଯ୍ୟ କରାଯାଇଅଛି । 1 cum ବାଲି ପ୍ରତି ଅନ୍ୟୁନ୍ୟ ମୂଲ୍ୟ ଟ. 35.00 + ଟ. 62.00 = ଟ. 97.00

୪. ପ୍ରଚଳିତ ନିୟମ ଅନୁଯାୟୀ ରୟାଲିଟି (Royalty) ଓ ଅତିରିକ୍ତ ଦେୟ (Additional Charges) ର ମୂଲ୍ୟ ଉପରେ ସର୍ବୋଚ୍ଚ ମୂଲ୍ୟ ଦର୍ଶାଇଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ଓ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କୁ ଚୟନ କରାଯିବ ।

୫. ଯଦି ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତି ସର୍ତ୍ତାବଳୀରେ ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲଟି ଦର୍ଶାଇଥିବା ବ୍ୟକ୍ତିଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୬. ଲିଜ୍ ନିମନ୍ତେ ଯୋଗ୍ୟ ଦରଖାସ୍ତକାରୀ ସୈରାତ ଉପ୍ପର ବାର୍ଷିକ ଦେୟ [Minimum Guaranteed Quantity X (Royalty + Additional Charge)] + Amount of contribution payable to DMF ର ଶତକଡା ୨୫ % ରାଶି ଲିଜ ଚୁଡାନ୍ତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ପାଖରେ ଦାଖଲ କରିବେ, ଯାହାକି ସୁଧ ବିହିନ ଅମାନତ ରାଶି (Security) ହିସାବରେ ରଖାଯିବ ।

୭. ବିବେଚିତ ନିଲାମ ଡକାଳି **୦୩** ମାସ ସମୟସୀମା ମଧ୍ୟରେ consent to operate, consent to establish, Mining Plan in Form-O ଓ Environment Clearance ଦାଖଲ କରିବେ ଏବଂ ଚୁକ୍ତି ସ୍ୱାକ୍ଷର କରିବେ । ଯଦି ଆବେଦନ କରିଥିବା ସଇରାତ ଉପ୍ପର mining plan ପୂର୍ବରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବ ତେବେ mining plan ପ୍ରସ୍ତୁତି ର ଖର୍ଚ୍ଚ ସାରଣୀ ମତେ ଯୋଗ୍ୟ ବିବେଚିତ ଲିଜଧାରୀ ବହନ କରିବେ ।

୮. Mining Plan ଟି Form-O ରେ ଅନୁମୋଦିତ ହେବା ଆବଶ୍ୟକ ଓ Environment Clearance ଭାରତ ସରକାରଙ୍କ ଅଧିସୂଚନା ସଂଖ୍ୟା 1533 ତା 14.09.2006 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମୋଦିତ ହେବା ବିଧେୟ ।

୯. Environment Clearance ମଂଜୁରୀ ପରେ ଲିଜ୍ ଧାରୀ ଏକ ବର୍ଷ ପାଇଁ Royalty, Surface Rent, Royalty ର ୫% EMF, Royalty ର ୧୦ % District Mineral Foundation (DMF) ଏବଂ Royalty ର ୨% (ଯଦି **Pan Card** ଥାଏ) TDS ବାବଦକୁ ରାଶି ପୈଠ କରିବେ ନଚେତ ଶତକଡା ୨୦ % ଜମା କରିବାକୁ ପଡିବ। ସମ୍ପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜ୍ ଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୯୯୯ ଅନୁଯାୟୀ ଚୁକ୍ତି ପତ୍ର ସଂପାଦନ କରିବେ ।

୧୦. ଦରଖାସ୍ତକାରୀ Mines Act 1952 ଓ Explosive Act 1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧. ଲିଜଧାରୀ ବାର୍ଷିକ ସମସ୍ତ ଦେୟ ଗୋଟିଏ କିସ୍ତିରେ ଏବଂ ମାର୍ଚ୍ଚ ମାସରେ (ଆର୍ଥିକ ବର୍ଷ ପୂର୍ବରୁ) ପଇଠ କରିବେ ।

୧୨. ଲିଜ୍ ଧାରୀ ସୈରାତ ଉତ୍ସ ର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।

୧୩. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜ୍ ଧାରୀ ମାନେ ଆନୁପାତିକ ଭାବେ ବହନ କରିବେ ।

୧୪. Reserve Assessment Report, Mining Plan ଏବଂ Environmental Clearance ବାବଦକୁ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

୧୫. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ୍ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

୧୬. ଲିଜ୍ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ। ଏହା ବ୍ୟତିତ ଇସ୍ତିହାରର ସମସ୍ତ ବିବରଣୀ ଜିଲ୍ଲା ୱେବ୍ ସାଇଟ www.jharsuguda.nic.in ରେ ମଧ୍ୟ ଦେଖିପାରିବେ ।

୧୭. ଯଦି ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୮. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରି ପାରିବେ ।

୧୯. ନିଲାମଧାରୀମାନେ OMMC (Amendment) Rules-2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

୨୦. କୋଭିଡ-୧୯ ଭୂତାଣୁ ଜନିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ନିଲାମଧାରୀମାନେ ଖଣିଜ ଉତ୍ତୋଳନ କରିବେ । ସେହିପରି ସେମାନେ ଅଂଶୁଘାତ ଜନିତ ନିର୍ଦ୍ଦେଶାବଳୀ ପାଳନ କରିବେ ।

୨୧. ଦରଖାସ୍ତକାରୀ PAN Card ଏବଂ AADHAAR Card ର ନକଲ ଦେଇ ଆବେଦନ କରିବେ ।

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଉତ୍ସର ବିବରଣୀ

| ସଇରାତ ମୋକଦ୍ଦମା ନଂ. | ସଇରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକର) | ସର୍ବନିମ୍ନ ରୟାଲିଟିର ଧାର୍ଯ୍ୟ ମୂଲ୍ୟ (ଟଙ୍କା) | ଅତିରିକ୍ତ ଦେୟ ପ୍ରତି ଘନ ମିଟର (ଟଙ୍କା) | ମୋଟ ଦେୟ ପ୍ରତି ଘନ ମିଟର | ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ (ଘନ ମି.) | ଅମାନତ ଅଗ୍ରିମ ରାଶି ଯାହାକି bank draft ମାଧ୍ୟମରେ ଦରଖାସ୍ତ ସହ ପ୍ରଦାନ କରାଯିବ |
|---|---|---|---|---|---|---|---|---|---|---|---|
| ୧/୨୦୨୨ | ଭଉଁରା ବାଲି ଶଯ୍ୟା-'କ' | ଭଉଁରା | ୨୭୧ | ୧୦୧୬ ରୁ | ନଦୀ | ୯.୦୦ | ୩୫.୦୦ | ୬୨.୦୦ | ୯୭.୦୦ | ୫୦୦୦ | ୨୪୨୫୦.୦୦ |

**ଜ୍ଞାପକ ସଂଖ୍ୟା**: 804 /**ତାରିଖ**: 6.6.2022

ଏହାର ଏକକିତା ନକଲ ଜିଲ୍ଲାପାଳ, ଝାରସୁଗୁଡା/ ଉପଜିଲ୍ଲାପାଳ, ଝାରସୁଗୁଡା/ ଝାରସୁଗୁଡା ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟ/ ଝାରସୁଗୁଡା ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ/ କିର୍ମିରା ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତାଙ୍କର ସୂଚନା ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ଝାରସୁଗୁଡାଙ୍କୁ ଜିଲ୍ଲା ୱେବସାଇଟରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୦୬.୦୬.୨୦୨୨

ତହସିଲଦାର, କିର୍ମିରା

TAHASILDAR
KIRMIRA